# ODM PUBLIC SCHOOL

SESSION :
CLASS : v
SUBJECT : (ଓଡିଆ)
CHAPTER NUMBER:01
CHAPTER NAME : ଜାତୀୟ ଧ୍ୱଜା ଆମ ଉଡଇ ଫର ଫର
SUBTOPIC :ବହି ପ୍ରଶ୍ନଉତ୍ତର

ODM EDUCATIONAL GROUP

# ଆସ କଥାବାର୍ତ୍ତା ହେବା

୧- (କ) ଆମ ଦେଶ ପରାଧୀନ ଥିବାବେଳେ କଣ ଅସୁବିଧା ହେଉଥିଲା?

(ଖ) ଦେଶ ସ୍ୱାଧୀନ ହେବା ପରେ ଆମେ କେଉଁ କାମ କରିପାରିବା ବୋଲି କବିତାରେ କୁହାଯାଇଛି ?

(ଗ)ଜାତିର ଟେକ ରଖିବା ପାଇଁ ଆମକୁ କଣ କରିବାକୁ ପଡିବ ?

(ଘ)ଦେଶର ଉନ୍ନତି ପାଇଁ କେଉଁ କେଉଁ କାମ ସ୍ୱାଧୀନ ଭାରତରେ କରାଯିବ ବୋଲି ଆଶା କରାଯାଇଛି ?

( ଙ)ଆମେ କାହିଁକି ମଥା ନୋଇଁବୁ ନାହିଁ ବୋଲି କବି କହିଛନ୍ତି ।

Edit with WPS Office

# ଉତ୍ତର

୧ (କ) ଆମ ଦେଶ ପରାଧୀନ ଥିବାବେଳେ ଆମେ ଅନେକ ଦୁଃଖକଷ୍ଟ ଭୋଗୁଥିଲୁ | (ଖ)ଦେଶ ସ୍ୱାଧୀନ ହେବାପରେ ଆମେ ସବୁ ଭଲ କାମ କରିବା ବୋଲି କୁହାଯାଇଛି | (ଗ)ଜାତିର ଟେକ ରଖିବା ପାଇଁ ସ୍ୱଦେଶ ସେବା କୁ ବ୍ରତ କରିବାକୁ ପଡିବ | (ଘ) ଦେଶର ଉନ୍ନତି ପାଇଁ ବିବିଧ କାରଖାନା ଓ ଅସଂଖ୍ୟ କାରିଗର ସୃଷ୍ଟି କରିବାର ଆଶା କରାଯାଇଛି | (ଙ) ଆମେ ବୀର ଜାତି ହୋଇଥିବାରୁ ମଥା ନୋଇଁବୁ ନାହିଁ ବୋଲି କବି କହିଛନ୍ତି |

Edit with WPS Office

ODM EDUCATIONAL GROUP

# ଉତ୍ତର ଲେଖିବା

୨ (କ) କଥାକୁ କିପରି କାର୍ଯ୍ୟରେ ପରିଣତ କରିପାରିବା ବୋଲି କବିତାରେ କୁହାଯାଇଛି?

(ଖ) ସ୍ୱାଧୀନ ଭାରତର ଶିଶୁମାନେ ମର୍ତ୍ତ୍ୟପୁରୀରେ କି ପରିବର୍ତ୍ତନ ଆଣିପାରିବା କଥା କବି କହିଛନ୍ତି ?

(ଗ)କେଉଁ କ୍ଷେତ୍ରରେ ଆମେ ପଛରେ ରହିବା ନାହିଁ ବୋଲି ଧାରଣା ଦିଆଯାଇଛି?

(ଘ)କେଉଁମାନେ ପ୍ରତିଜ୍ଞା କରିବା କଥା କବିତାରେ ପ୍ରକାଶ ପାଇଛି ?

(ଙ)ଦେଶରେ କଳକାରଖାନା ଗଢି ଉଠିଲେ ଆମର କଣ ସୁବିଧା ହେବ ?

Edit with WPS Office

# ଉତ୍ତର

୨ =(କ) କର୍ତ୍ତବ୍ୟ ପଥରେ ଅଗ୍ରସର ହେଲେ,କଥାକୁ କାର୍ଯ୍ୟରେ ପରିଣତ କରିପାରିବା | (ଖ) ସ୍ୱାଧୀନ ଭାରତର ଶିଶୁମାନେ ସ୍ୱର୍ଗର ସୁଷମା ମର୍ତ୍ତ୍ୟପୁରରେ ଆଣିପାରିବା କଥା କବି କହିଛନ୍ତି | (ଗ) ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ଆମେ ପଛରେ ରହିବା ନାହିଁ ବୋଲି କବି କହିଛନ୍ତି | (ଘ)କୋଟି କୋଟି ଭାରତୀୟ ସନ୍ତାନ ପ୍ରତିଜ୍ଞା କରିବା କଥା କବିତା ରେ କୁହାଯାଇଛି| (ଙ ) ଦେଶରେ କଳକାରଖାନା ଗଢି ଉଠିଲେ ,ନାନାଦି ଦ୍ରବ୍ୟ ଉତ୍ପାଦନରେ ସୁବିଧା ହେବ |

ODM EDUCATIONAL GROUP
Edit with WPS Office

# ୩ =କବିତାର ଯେଉଁ ପଦରେ ଏ କଥା କୁହାଯାଇଛି ସେହି ପଦଟି ବାଛି ଲେଖିବା ।

(କ)ସେ ସମୟରେ କଷ୍ଟ ଭୋଗୁଥିଲୁ ,------------------ (ଖ) ଦେଶ ସେବାକୁ ଜୀବନର ବ୍ରତ କରିବା ------------ (ଗ)ସମସ୍ତଙ୍କ ପାଇଁ ଭଲ କାମ କରିବା ----------------- (ଘ) ବହୁ ଜିନିଷ ସୃଷ୍ଟି ହେବ -------------------------- (ଙ) ଯାହା କହିବୁ ତାହା ପ୍ରାଣ ଦେଇ କରିବୁ ------------

Edit with WPS Office

# ଉତ୍ତର

୩ =(କ) ସେକାଳେ ଭୋଗୁଥିଲୁ କେତେ ଯେ ଆମେ କ୍ଲେଶ । (ଖ)
ସ୍ୱଦେଶ ସେବା ବ୍ରତ କରିବୁ ଜୀବନରେ । (ଗ)
ସଭିଙ୍କ ହିତ ପାଇଁ କରିବୁ ଆମେ କାମ । (ଘ)
ଯେପରି ଉତପନ୍ନ ହୋଇବ ଦ୍ରବ୍ୟ ନାନା । (ଙ)
କରିବୁ ପ୍ରାଣ ଦେଇ କହିବୁ ଯେଉଁ କଥା ।

ODM EDUCATIONAL GROUP
Edit with WPS Office

# LEARNING OUTCOME:

ବିଷୟବସ୍ତୁ ସଂପର୍କିତ ପ୍ରଶ୍ନଉତ୍ତର ଅଭ୍ୟାସ ।

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office